# ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ବୌଦ୍ଧ

(ଦେବୋତ୍ତର ଉପ-ବିଭାଗ )

## ବିଜ୍ଞାପନ

ସଂଖ୍ୟା ୪୧୮୦ //  ତାରିଖ ୦୮ / ୦୬ / ୨୦୨୨

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବୌଦ୍ଧ ସହରରେ ବିରାଜିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚଳିତ ବର୍ଷ ୨୦୨୨ ମସିହା ରଥଯାତ୍ରା ଓ ବାହୁଡା ଯାତ୍ରା ସମୟରେ ଜନସମାଗମ କୁ ଦୃଷ୍ଟି ରେ ରଖି ଆଗ୍ରହୀ ପ୍ରାର୍ଥୀ ମାନଙ୍କ ଠାରୁ ବୌଦ୍ଧ ସହର ସ୍ଥିତ ମିନି ଷ୍ଟାଡିୟମ ପଡିଆ, ବୌଦ୍ଧ ରେ ମିନାବଜାର ସ୍ଥାପନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ମାନେ ଟେଣ୍ଡର ନୋଟିସ ପ୍ରକାଶ ହେବା ଦିନ ଠାରୁ ୧୦ ଦିନ (ତା ୧୮.୦୬.୨୦୨୨ ଅପରାହ୍ନ ୦୪.୩୦ ଘ.) ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ଠାରେ ଜଉମୁଦ ଲଫାପା ମାଧ୍ୟମରେ କାର୍ଯ୍ୟାଳୟ ଦିବସ ମାନଙ୍କରେ ଦାଖଲ କରି ପାରିବେ ।

ଟେଣ୍ଡର ସମ୍ପର୍କିତ କାଗଜ ପତ୍ର ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟରତ ଦେବୋତ୍ତର ମ୍ୟାନେଜର ତଥା ନିଜାରତ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ ଙ୍କ ଠାରେ ଅମାନତ ରାଶି ଓ ଆବେଦନ ପତ୍ର ଧାର୍ଯ୍ୟ ମୂଲ୍ୟ ପଇଠ କରି ଟେଣ୍ଡର ସମ୍ବନ୍ଧିତ କାଗଜ ପତ୍ର ଗ୍ରହଣ କରି ପାରିବେ ।

ଟେଣ୍ଡର ପାଇଁ ପ୍ରାପ୍ତି ସ୍ୱୀକାର ହୋଇଥିବା ଜଉମୁଦ ଲଫାପା ଗୁଡିକ ତା ୧୮.୦୬.୨୦୨୨ ରିଖ ଅପରାହ୍ନ ୫.୦୦ ଘ. ସମୟରେ ନିମ୍ନ ସ୍ୱାକ୍ଷରକାରୀ ଙ୍କ ଦ୍ୱାରା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଉପସ୍ଥିତି ରେ ଖୋଲାଯିବ ।

ସର୍ବୋଚ୍ଚ ମୂଲ୍ୟ ଧାର୍ଯ୍ୟ କରିଥିବା ସଂସ୍ଥା କୁ ଗ୍ରହଣ କରାଯିବ । ଅସଫଳ ଟେଣ୍ଡରକାରୀ ଙ୍କ ଅମାନତ ରାଶି କୁ ଫେରସ୍ତ କରାଯିବ । ଟେଣ୍ଡର କାଗଜ ର ମୂଲ୍ୟ ଫେରସ୍ତ କରାଯିବ ନାହିଁ ।

ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ ଟେଣ୍ଡର ଟିକୁ ବାତିଲ ଘୋଷଣା କରିପାରିବେ ।

| କେଉଁ ଟେଣ୍ଡର ପାଇଁ | ଧାର୍ଯ୍ୟ ମୂଲ୍ୟ | ଅମାନତ ରାଶି | ଟେଣ୍ଡର କାଗଜ ର ମୂଲ୍ୟ |
|---|---|---|---|
| ମୀନା ବଜାର | ଟ. ୬,୭୫,୦୦୦/- | ଟ. ୬୭,୫୦୦/- | ଟ.୬,୦୦୦/- (ଫେରସ୍ତ ଯୋଗ୍ୟ ନୁହେଁ ) |

(signature) ୦୮/୦୬/୨୨

ଉପ-ଜିଲ୍ଲାପାଳ-ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବୌଦ୍ଧ ଦେବୋତ୍ତର, ବୌଦ୍ଧ

ଜ୍ଞାପକ ସଂଖ୍ୟା ୪୧୮୧ /  ତାରିଖ ୦୮.୦୬.୨୦୨୨

ଏହାର ଏକକିତ ନକଲ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ କାର୍ଯ୍ୟାଳୟ ବିଜ୍ଞାପନ ଫଳକ / ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ରେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବୌଦ୍ଧ / ନିର୍ବାହୀ ଅଧିକାରୀ, ଏନ.ଏ.ସି. ବୌଦ୍ଧଗଡ ଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ନିଜ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକ ରେ ପ୍ରକାଶିତ କରିବେ । ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବୌଦ୍ଧ ୧ ଗୋଟି ଓଡିଆ ଦୈନିକ ଖବର କାଗଜ (@ ୮,୦୦୦/- ଟଙ୍କା ଖବର କାଗଜ ପିଛା ) ରେ ପ୍ରକାଶ କରିବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ।

ଏହାର ଏକକିତା ନକଲ ଜିଲ୍ଲା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ, ବୌଦ୍ଧ ଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ, ବୌଦ୍ଧ / ଆରକ୍ଷୀ ଅଧୀକ୍ଷକ, ବୌଦ୍ଧ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) ୦୮/୦୬/୨୨

ଉପ-ଜିଲ୍ଲାପାଳ-ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବୌଦ୍ଧ ଦେବୋତ୍ତର, ବୌଦ୍ଧ